### ପୂର୍ବତନ ସାଂସଦ ବାଲଗୋପାଳଙ୍କୁ ଅସମ୍ମାନ ଘଟଣା

# ପ୍ରଶାସନକୁ ଚୌକି ଉପହାର ଯାଚି ପ୍ରତିବାଦ




- ଚୌକି ନିଅ, ଚୌକି ଦିଅ ନାରାରେ କମ୍ପାଇଲେ କୋଶଳ ସଙ୍ଗଠନର ଯୁବନେତା
- ଗଣମାଧ୍ୟମ ପ୍ରତିନିଧିଙ୍କ ଅଭିଯୋଗ ଏଡ଼ାଇଗଲେ ଜିଲ୍ଲାପାଳ

ବଲାଙ୍ଗିର,୧।୬(ସମିସ): ପୂର୍ବତନ ସାଂସଦ ବାଲଗୋପାଳ ମିଶ୍ରଙ୍କୁ ଅସମ୍ମାନ ଘଟଣାରେ ପ୍ରଶାସନ ଅଳଳରେ ପଡିଛି। ଏହାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ଜୋର୍ ଧରିଛି। ବଲାଙ୍ଗିରରେ ମଧ୍ୟ ଲୋକେ ପ୍ରଶାସନ ପ୍ରତି ଅସନ୍ତୋଷ ପ୍ରକାଶ କରିଛନ୍ତି। କୋଶଳ ଆନ୍ଦୋଳନର ଯୁବ ସଙ୍ଗଠକ ଜିଲ୍ଲା ପ୍ରଶାସନ ଆଗରେ ଚୌକି ଧରି ପ୍ରତିବାଦ କରିଛନ୍ତି। ସୋମବାର ସ୍ଥାନୀୟ ପଞ୍ଚାୟତ ସାଧନ କେନ୍ଦ୍ରରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଅଭିଯୋଗ ଶୁଣାଣି ଚାଲିଥିଲା। ଏତିକିବେଳେ ଏହି ଯୁବକମାନେ ପହଞ୍ଚି ପ୍ରତିବାଦ କରିଥିଲେ। ଜିଲ୍ଲା ପ୍ରଶାସନ ଭୁଲ୍ ସ୍ୱୀକାର କରିବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଏନେଇ ଜିଲ୍ଲାପାଳ କିନ୍ତୁ ପଦୁଟିଏ ମଧ୍ୟ ପ୍ରତିକ୍ରିୟା ନ ରଖି ଚାଲି ଯାଇଥିଲେ। ଏହାକୁ ନେଇ ଆନ୍ଦୋଳନକାରୀ ଆସନ୍ତୋଷ ପ୍ରକାଶ କରିଛନ୍ତି। ଚୌକି ନାହିଁ ଯଦି ଆମେ ଦେଉଛୁ। ଚୌକି ନିଅ ଆଉ ଗୁହାରି କରିଆସୁଥିବାର ପୂର୍ବତନ ଜନ ପ୍ରତିନିଧି, ବରିଷ୍ଠ ଓ ଭିନ୍ନକ୍ଷମ ଲୋକଙ୍କୁ ବସିବା ଲାଗି ଚୌକି ଦିଅ ବୋଲି ଯୁବକମାନେ କହିଥିଲେ।

ଗତ ସୋମବାର ଆଗଲପୁର ବ୍ଲକରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ସ୍ଥାନୀୟ ସମସ୍ୟା ନେଇ ପୂର୍ବତନ ସାଂସଦ ତଥା ପୂର୍ବତନ ଲୋଇସିଂହା ବିଧାୟକ ବାଲଗୋପାଳ ମିଶ୍ର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଥିରେ ଜିଲ୍ଲାପାଳ ଗୌରୱ ଶିବାଜୀ ଇସାଲୱର ଉପସ୍ଥିତ ରହିଥିବା ବେଳେ ଜଣେ ପୂର୍ବତନ ସାଂସଦଙ୍କୁ ଦିଆଯିବାକୁ ଥିବା ସମ୍ମାନ ପ୍ରଦର୍ଶନ କରାଯାଇ ନ ଥିଲା। ସମସ୍ୟା ଶୁଣି ଆଲୋଚନା କରିବା ପାଇଁ ଏହି ୮୫ ବର୍ଷୀୟ ପୂର୍ବତନ ସାଂସଦଙ୍କୁ ଚୌକିଟିଏ ବି ଦିଆଯାଇ ନ ଥିଲା। ତାଙ୍କ ସମ୍ମୁଖରେ ବ୍ଲକରୁ ଆରମ୍ଭ କରି ଜିଲ୍ଲାସ୍ତରୀୟ ଅଧିକାରୀ ସାମିଲ ଥିବା ବେଳେ ଏହିଭଳି ଅସମ୍ମାନ ପ୍ରଦର୍ଶନକୁ ନେଇ ସ୍ଥାନୀୟ ଲୋକେ କ୍ଷୋଭ ପ୍ରକାଶ କରିଥିଲେ। ଏହି ଘଟଣାକୁ ନେଇ କୋଶଳ ସଙ୍ଗଠନ ଯୁବ ସଙ୍ଗଠକମାନେ ମିଳିତ ଭାବେ ସାମ୍ବାଦିକ ସମ୍ମିଳନୀ କରି ଏହାକୁ ପ୍ରତିବାଦ କରିଥିଲେ। ପ୍ରଶାସନର ଏହିଭଳି ବ୍ୟବହାରକୁ ନିନ୍ଦା କରିବା ସହ ପ୍ରଶାସନ ଭୁଲ୍ ସ୍ୱୀକାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ; କିନ୍ତୁ ପ୍ରଶାସନ ତାଙ୍କ ଦାବି ନ ମାନିବାରୁ ସୋମବାର ପୁଣି କର୍ମକର୍ତ୍ତା ଅଭିନବ ଉପାୟରେ ଏହି ଘଟଣାର ପ୍ରତିବାଦ କରିଛନ୍ତି। କୋଶଳ ଯୁବ ନେତା କସ୍ତୁବ ସାହୁ, ସିପୁନ ଖମାରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ହାତରେ ଚୌକି ଧରି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସ୍ଥଳରେ ପହଞ୍ଚି ଏହି ଘଟଣାର ପ୍ରତିବାଦ କରିଥିଲେ। ତେବେ ପୁଲିସ ତାଙ୍କୁ ରାସ୍ତାରେ ହିଁ ଅଟକାଇ ଦେଇଥିଲା। ଅନ୍ୟପକ୍ଷେ ଏନେଇ ଜିଲ୍ଲାପାଳ ଗୌରୱ ଶିବାଜୀ ଇସାଲୱରଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ପଚାରିବାରୁ ସେ ଏ ବିଷୟରେ କିଛି କହିବେ ନାହିଁ ବୋଲି ରୋକଠୋକ କହିଦେଇ ଚାଲିଯାଇଥିଲେ।

## ୭୬ ଅଭିଯୋଗରୁ ମାତ୍ର ୯ ସମାଧାନ ହେଲା



ବଲାଙ୍ଗିର,୧।୬(ସମିସ):ସୋମବାର ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରଠାରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ସାଧାରଣ ଲୋକ ନିଜ ସମସ୍ୟା ଜଣାଇଥିଲେ। ଏଥିରେ ଜିଲ୍ଲାପାଳ ଗୌରୱ ଶିୱାଜୀ ଇସଲୱାର ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହିମାଂଶୁ ବେହେରା ଯୋଗଦେଇ ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକଙ୍କ ସମସ୍ୟା ଶୁଣିଥିଲେ। ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣାଣି କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ମୋଟ ୭୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରୁ ୬୬ଟି ବ୍ୟକ୍ତିଗତ ଏବଂ ୧୦ଟି ସାମୂହିକ ଅଭିଯୋଗ ଥିଲା। ୯ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନା, ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ ପଟେଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ପରିବାର କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧୀରେନ ସିଂ ବରିହା, ଡେପୁଟି କଲେକ୍ଟର ନିବେଦିତା ସ୍ୱାଇଁ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶୋଭିନା ଭୋଇ, ଏସିଏଫ ସୁମନ ମାଝି, ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ଜଙ୍ଗଲ ଜଳୁଛେରେ ମା’, ମାଟି, ଭାଷା, ସଂସ୍କୃତିର କଥା



ବଲାଙ୍ଗିର,୧।୬(ସମିସ): ସ୍ଥାନୀୟ ସାମ୍ବାଦିକ ଭବନ ସମ୍ମିଳନୀ କକ୍ଷରେ କୋଶଲି/ସମ୍ବଲପୁରୀ ଭାଷାରେ ନିର୍ମିତ ଚଳଚିତ୍ର ‘ଜଙ୍ଗଲ ଜଳୁଛେ’ ସିନେମା ସମ୍ପର୍କରେ ସୂଚନା ଦିଆଯାଇଛି। ଲେଖକ, ଗବେଷକ ତଥା ବରିଷ୍ଠ ସାମ୍ବାଦିକ ଗୋତେଖନାଥ ସାହୁଙ୍କ ପରିକଳ୍ପନା, ଗବେଷଣା ଏବଂ ରଚନାକୁ ନେଇ ନିର୍ମିତ ଏହି ଚଳଚିତ୍ର ଅଞ୍ଚଳର ଭାଷା, ସଂସ୍କୃତି, ସାମାଜିକ ସଂସ୍କାର ତଥା ପ୍ରେମ, ବିରହ, ବିଚ୍ଛେଦ ଉପରେ ଆଧାରିତ। କୋଶଳାଞ୍ଚଳର ଭାଷା, ସଂସ୍କୃତି ତଥା ସାମାଜିକ ବିଧି ବ୍ୟବସ୍ଥା ଉପରେ ଆଧାରିତ ଏହି ସିନେମା ଓଡ଼ିଶାର ବିଭିନ୍ନ ସ୍ଥାନରେ ସୁଟିଂ ହୋଇଛି। ଏଥିରେ ସୁବର୍ଣ୍ଣପୁର ଜିଲ୍ଲାର ଦର୍ଶନୀୟ ସ୍ଥାନ, ଦେବଦେବୀଙ୍କ ସ୍ଥାନକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହି ସିନେମାରେ ରାଜ୍ୟର ଅନେକ ପରିଚିତ କଳାକାର ଅଭିନୟ କରିଛନ୍ତି। ସ୍ଥାନୀୟ କଳାକାରଙ୍କୁ ମଧ୍ୟ ସୁଯୋଗ ଦିଆଯାଇଛି। ଏହି ସିନେମା ସାମାଜିକ ପରିବର୍ତ୍ତନ ତଥା ଏହି ଅଞ୍ଚଳର ଭାଷା, ସଂସ୍କୃତି ସମ୍ପର୍କରେ ଲୋକଙ୍କ ମନରେ ଜାଗରଣ ସୃଷ୍ଟି କରିବ ବୋଲି ଚଳଚିତ୍ରର ନିର୍ମାତା, ନିର୍ଦ୍ଦେଶକ ମତ ଦେଇଥିଲେ। ସରୋଜ ଭୂୟାଁ ସିନେମାର ନିର୍ଦ୍ଦେଶନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ପ୍ରଯୋଜନା ସଂସ୍ଥାର ସଂଯୋଜ ଇଂ. ରାଜକିଶୋର ନାୟକ, ପ୍ରଯୋଜିକା ନିବେଦିତା ନାୟକ ଓ ମୀନା ମହାରଣା ଉପସ୍ଥିତ ଥିଲେ।

### ଦାଦନଗଡ଼ରୁ ବିଶ୍ୱ ବିଜୟିନୀ

## ତୀରନ୍ଦାଜ ସ୍ୱର୍ଣ୍ଣ ପଦକ ବିଜୟିନୀ ଦିବ୍ୟାଙ୍ଗ ପାୟଲ ନାଗଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗିର,୧।୬(ସମିସ): ବ୍ୟାଙ୍କକରେ ଆୟୋଜିତ ବିଶ୍ୱ ପାରା-ତୀରନ୍ଦାଜ ସିରିଜ୍-୨୦୨୬ରେ ୨ଟି ସ୍ୱର୍ଣ୍ଣ ପଦକ ଜିତି ଦେଶ ଓ ଓଡ଼ିଶା ମାଟିକୁ ଗୌରବାନ୍ୱିତ କରିଥିବା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଦିବ୍ୟାଙ୍ଗ ତୀରନ୍ଦାଜ ସୁଶ୍ରୀ ପାୟଲ୍ ନାଗଙ୍କୁ ଜିଲ୍ଲା ପ୍ରଶାସନ ସମ୍ବର୍ଦ୍ଧିତ କରିଛି। ଅତିରିକ୍ତ ଜିଲ୍ଲାପାଳଙ୍କ ସଭାଗୃହରେ ଅନୁଷ୍ଠିତ ଏହି ବିଶେଷ କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିୱାଜୀ ଇସଲୱାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ତାଙ୍କ ପ୍ରତିଭାକୁ ପ୍ରଶଂସା କରି ଜିଲ୍ଲାପାଳ ଗୌରୱ ଶିୱାଜୀ ଇସଲୱାର ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପାୟଲ୍ କେବଳ ବଲାଙ୍ଗିର ନୁହଁନ୍ତି, ବରଂ ସାରା ଦେଶର ଗୌରବ। ତାଙ୍କର ଏହି ବିଜୟ ଯାତ୍ରା ପ୍ରମାଣ କରେ ଯେ ଦୃଢ଼ ମନୋବଳ ଆଗରେ କୌଣସି ପ୍ରତିବନ୍ଧକ ବାଧା ସୃଷ୍ଟି କରିପାରିବ ନାହିଁ। ପାୟଲ୍‌ଙ୍କ ଆଗାମୀ ପାରା ଏସୀୟ କ୍ରୀଡ଼ା ଏବଂ ପାରାଲିମ୍ପିକ୍ସ ପ୍ରସ୍ତୁତି ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ପ୍ରକାର ଆନୁଷଙ୍ଗିକ ସହାୟତା ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ କହିଥିଲେ। ସମ୍ବର୍ଦ୍ଧନାର ପ୍ରତିଉତ୍ତରରେ ଭାବବିହ୍ୱଳ ହୋଇ ପାୟଲ୍ ଅନ୍ତର୍ଜାତୀୟସ୍ତରରେ ଦେଶ ପାଇଁ ଆହୁରି ପଦକ ଆଣିବା ତାଙ୍କର ଆଗାମୀ ଲକ୍ଷ୍ୟ ବୋଲି ପ୍ରକାଶ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୁଣନିଧି ମଲ୍ଲିକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିକ୍ରମ ପଣ୍ଡା, ଜିଲ୍ଲା କ୍ରୀଡା ଅଧିକାରୀ ପରାସର ବାଗ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଶୈଶବରେ ପରିବାର ସହ ଦାଦନ ଖଟିବାକୁ ଯାଇ ଏକ ଦୁର୍ଘଟଣାରେ ପାୟଲ ନିଜର ଦୁଇ ହାତ ଓ ଦୁଇ ଗୋଡ଼ ହରାଇଛନ୍ତି। ଏହା ସତ୍ତ୍ୱେ ଅଦମ୍ୟ ଇଚ୍ଛାଶକ୍ତି ଏବଂ କଠିନ ପରିଶ୍ରମ ବଳରେ ବିଶ୍ୱ ମଞ୍ଚରେ ୧ ନମ୍ବର ଖେଳାଳିଙ୍କୁ ସେ ପରାସ୍ତ କରି ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।



- ପରିବାର ସହ ଦାଦନ ଯାଇଥିବା ବେଳେ ଦୁର୍ଘଟଣାରେ ହାତଗୋଡ଼ ହରାଇଥିଲେ

## ବିଭିନ୍ନ ସ୍କୁଲରୁ ଚୋରି ସାମଗ୍ରୀ ଉଦ୍ଧାର; ଅଭିଯୁକ୍ତ ଗିରଫ

ପାଟଣାଗଡ଼,୧।୬ (ସମିସ): ପାଟଣାଗଡ଼ ସହରର ବିଭିନ୍ନ ସ୍କୁଲରୁ ତାଲା ଭାଙ୍ଗି ବିଭିନ୍ନ ସାମଗ୍ରୀ ଚୋରି କରିବା ଅଭିଯୋଗରେ ପାଟଣାଗଡ଼ ପୁଲିସ ସୋମବାର ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଏଥି ସହ ଅଭିଯୁକ୍ତଠାରୁ ଚୋରି ହୋଇଥିବା ବିଭିନ୍ନ ସାମଗ୍ରୀ ଉଦ୍ଧାର କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଉଛି ପାଟଣାଗଡ଼ ଥାନା ବଡ଼ପଡାର ରାଜ ଓରଫ ମହେଶ୍ୱର ରଣା (୨୪)। ପୁଲିସର ସୂଚନାନୁସାରେ ପାଟଣାଗଡ଼ ସହରରେ ଥିବା ହରିଜନପଡା ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଗତ ୧୪ ତାରିଖ ଦିନ ସ୍କୁଲର ଅଫିସ ଓ ରନ୍ଧା କୋଠରୀ ତାଲା ଭାଙ୍ଗି ୨ଟି ଗ୍ୟାସ ସିଲିଣ୍ଡର, ଦୁଇ ବସ୍ତା ମଧ୍ୟାହ୍ନ ଭୋଜନ ଚାଉଳ ଚୋରି ହୋଇଥିବା ସ୍କୁଲର ପ୍ରଧାନଶିକ୍ଷକ ମଦନ ପଟ୍ଟନାୟକ ପାଟଣାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏହି ମାମଲାରେ ଚୋରି ଅଭିଯୋଗରେ ପାଟଣାଗଡ଼ ବଡ଼ପଡାର ମହେଶ୍ୱରକୁ ଗିରଫ କରାଯାଇଥିଲା। ଗିରଫ ପରେ ମହେଶ୍ୱର ପାଟଣାଗଡ଼ ସହରର ଅନ୍ୟ ସ୍କୁଲ ଗୁଡିକରୁ ମଧ୍ୟ ବିଭିନ୍ନ ସାମଗ୍ରୀ ଚୋରି କରିଥିବା ସ୍ୱୀକାର କରିଥିଲା। ତାଠାରୁ ୪ଟି ଗ୍ୟାସ୍ ସିଲିଣ୍ଡର, ୮୦ କେଜି ଚାଉଳ, ଗୋଟିଏ ପ୍ରେସର କୁକର, ୨ଟି ଲୁହା କଢ଼େଇ ଓ ଗୋଟିଏ ଲୁହା ବ୍ଲେଡ୍ ଉଦ୍ଧାର କରାଯାଇଥିବା ଥାନା ଅଧିକାରୀ ହରିବନ୍ଧୁ ଗଡ଼ତ୍ୟା ସୂଚନା ଦେଇଛନ୍ତି।



## ରବିରତୁ ଧାନକିଣା ପାଇଁ ଶୁଭାରମ୍ଭ

ଦେଓଗାଁ,୧।୬(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ୧୩ ନଂ ଜୋନ୍‌ରେ ସୋମବାର ରବିରତୁ ଧାନକ୍ରୟର ଶୁଭାରମ୍ଭ କରାଯାଇଛି। ସ୍ଥାନୀୟ ବିଧାୟକ କଳିକେଶ ନାରାୟଣ ସିଂ ଦେଓ ଏହି ଶୁଭାରମ୍ଭ କରିଛନ୍ତି। ଜରାସିଂହା କୃଷି ସେବା ସମବାୟ ସମିତିରେ ପେକ୍ସ ସଭାପତି ଲକ୍ଷ୍ମଣ ମେହେରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗ୍ରାମବାସୀ ସ୍ଥାନୀୟ ବୁଡ଼ିଆଇ ବନ୍ଧର ପଙ୍କ ଉଦ୍ଧାର ପାଇଁ ବିଧାୟକଙ୍କ ନିକଟରେ ଦାବି କରିଥିଲେ। ବରକାନୀ ଗାଁର ଜାତୀୟସ୍ତରର ଖେଳାଳି ରଶ୍ମିନୀ ମାଝୀ ସରକାରୀ ସହାୟତା ପାଇଁ ମଧ୍ୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବ୍ଲକ୍ ଅଧ୍ୟକ୍ଷ ଦୟାନିଧି ଖମାରୀ, ଜିଲ୍ଲା ପରିଷଦ ସଭ୍ୟା ସୁମତୀ ସେଠ, ମମତା କୁମୁରା, ବରିଷ୍ଠ ବିଜେଡି ନେତା ଉମାଶଙ୍କର ସିଂ, ସ୍ଥାନୀୟ ସରପଞ୍ଚ କୁଶମଣୀ ମେହେରଙ୍କ ସମେତ ଚାଷୀ ଉପସ୍ଥିତ ଥିଲେ। ପରେ ବିଧାୟକ ସିଂ ଦେଓ କୁଲିଆବାହାଲ ଗସ୍ତରେ ଯାଇ ଗିନ୍ଦୁଲ ଆଦିବାସୀପଡାରେ ନବନିର୍ମିତ କମ୍ୟୁନିଟି ସେଣ୍ଟରର ଉଦ୍‌ଘାଟନ କରିଥିଲେ। ଗାଁରେ ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ କୋଠା ନ ଥିବାରୁ କୋମଳମତି ଶିଶୁଙ୍କୁ ପରପିଣ୍ଡାରେ ପାଠ ପଢ଼ା ଯାଉଥିବା ଗାଁଲୋକେ ଅଭିଯୋଗ କରିଥିଲେ। ସେହିପରି ବିଧାୟକ ହଳଦୀପାଲି ଗାଁକୁ ଯାଇ ଲୋକଙ୍କ ସମସ୍ୟା ଉପରେ ଅବଗତ ହୋଇଥିଲେ। ଗାଁକୁ ରାଜସ୍ୱ ଗାଁର ମାନ୍ୟତା ଦେବା ପାଇଁ ଲୋକେ ବିଧାୟକଙ୍କ ନିକଟରେ ଦାବି ଜଣାଇଥିଲେ। ବୁଦେଲଗୁମାରେ ପାନୀୟଜଳର ଉତ୍କଟ ସମସ୍ୟା ରହିଥିବା ଗାଁବାସୀ ଅଭିଯୋଗ କରିଥିଲେ। ପରେ ବିଧାୟକ ଗୌରଗୋଠ ପଞ୍ଚାୟତର ଆମଦହନ ଗାଁରେ ନବନିର୍ମିତ ପ୍ରହରୀ ମଣ୍ଡପର ଉଦ୍‌ଘାଟନ କରିଥିଲେ। ବନ୍ଧପାଲି ଗାଁରେ ମହିଳା ଗୋଷ୍ଠୀକେନ୍ଦ୍ର ଓ କମ୍ୟୁନିଟି ଗୃହର ଉଦ୍‌ଘାଟନ କରିଥିଲେ। ପୁରୁଣାପାନୀ ଗାଁରେ ଲୋକେ ପାନୀୟଜଳ ସଂକଟ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ଗାଁରେ କୌଣସି ନେଟୱର୍କ ଲାଗୁ ନ ଥିବାରୁ ସମସ୍ତେ ହନ୍ତସନ୍ତ ହେଉଥିବା ଜଣାଇଥିଲେ। ବିଶେଷ କରି ଭୀମପାହାଡ ପର୍ଯ୍ୟଟନସ୍ଥଳ ହେତୁ ପର୍ଯ୍ୟଟକଙ୍କ ବିଶେଷ ଅସୁବିଧା ହେଉଥିବା ଅଭିଯୋଗ କରିଥିଲେ। ତୁରନ୍ତ ଟାୱାର ବ୍ୟବସ୍ଥା କରିବା ପାଇଁ ଲୋକେ ଦାବି ଜଣାଇଥିଲେ। ସରପଞ୍ଚ ଜାନକୀ ସାହୁ, ସମିତିସଭ୍ୟ ଅଭିମନ୍ୟୁ ମାଝୀ, ଯୁବନେତା ଗୋବର୍ଦ୍ଧନ ସାହୁ, ପ୍ରମୋଦ ବହିଦାର, ଶୈଳେନ୍ଦ୍ର ସାହୁ, ଅନ୍ତର୍ଯ୍ୟାମୀ ଭୋଇ, ପ୍ରମୋଦ ସାହୁ, ସୁନୀଳ ମେହେର ପ୍ରମୁଖ ବିଧାୟକଙ୍କ ସହ ଉପସ୍ଥିତ ଥିଲେ।



## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବଲାଙ୍ଗିର,୧।୬(ସମିସ): ପୁଇଁନ୍ତଲା ବ୍ଲକ୍ ଜାମଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସ୍କୁଲ ପରିସରରେ ପୁରାତନ ଛାତ୍ର ସଂସଦ ଦ୍ୱାରା ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଶ୍ରୀ ସାହୁ ୧୯୮୬ ମସିହାରୁ ଏଠାରେ ଶିକ୍ଷାଦାନ କରୁଥିଲେ। ଅବସରପ୍ରାପ୍ତ ଶିକ୍ଷକ ଗୌରହରି ବିନ୍ଧାଣୀ, ପ୍ରଦୀପ ମିଶ୍ର, ଅଶୋକ ପଣ୍ଡା, ସନ୍ତୋଷ ସାହୁ, ରାଜକିଶୋର ପଣ୍ଡା, ସୀତାରାମ ପଧାନ, ଲୋହିତାକ୍ଷ ପଧାନ, ନାରଦ ପ୍ରଧାନ, ପ୍ରେମାନନ୍ଦ ପଧାନ, ବିରଞ୍ଚି ମହାକୁର ଓ କିଶୋର ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ନମିତା ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ପୁରାତନ ଛାତ୍ର ମୀନକେତନ ଡାଙ୍ଗ ପ୍ରାରମ୍ଭିକ ଭାଷଣ ଦେଇଥିବା ବେଳେ ବାବୁଲୁ କମ୍ପ ମଞ୍ଚ ପରି.ଳନା କରିଥିଲେ। ଗିରିଶ ଚନ୍ଦ୍ର ସେଠ ଧନ୍ୟବାଦ ଦେଇଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବଲାଙ୍ଗିର,୧।୬(ସମିସ): ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ୍ ଝରଣିପାଲି ଇନ୍ଦିରା ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ ପଧାନ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ପୁରତାନ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଦାୟ କାଳୀନ ସମ୍ବର୍ଦ୍ଧନା ସମାରୋହ ଆୟୋଜିତ ହୋଇଥିଲା।

୧୯୮୮ ସ୍କୁଲ ଗଠନରୁ ଆଜି ପର୍ଯ୍ୟନ୍ତ ୩୮ ବର୍ଷ ଧରି ସେ ଏଠାରେ ଶିକ୍ଷା ଦାନ କରି ଆସୁଥିଲେ। ଝରଣୀପାଲି ସରପଞ୍ଚ ସୁନୀତା ସାହୁ, ଇନ୍ଦିରା ଗାନ୍ଧୀ ହାଇସ୍କୁଲର ସମସ୍ତ କର୍ମଚାରୀ, ଝରଣୀପାଲି ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ହାଇସ୍କୁଲର ପୁରାତନ ଛାତ୍ରଛାତ୍ରୀ, ଅଧ୍ୟୟନରତ ଛାତ୍ରଛାତ୍ରୀ, ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସୋମନାଥ ପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ କ୍ଷୀରସିନ୍ଧୁ ପୁଟା ମାନପତ୍ର ପଠନ, ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ପ୍ରହସନ ପାଲଟିଛି ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଓ ପରିଚାଳନା ବୈଠକ

# ପ୍ରଶାସନ, ଜନପ୍ରତିନିଧିଙ୍କ ଉପରେ ବର୍ଷିଲେ ନରସିଂହ

ବଲାଙ୍ଗିର,୧।୬(ସମିସ)

ନିକଟରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଓ ପରି.ଳନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ଜିଲ୍ଲାର ସ୍ୱାର୍ଥ ଦୃଷ୍ଟିରୁ ବହୁତ ଗୁରୁତ୍ୱପୂର୍ଣ୍ଣ। ଜିଲ୍ଲାବାସୀ ପ୍ରାକୃତିକ ବିପର୍ଯ୍ୟୟରୁ କିପରି ରକ୍ଷା ପାଇପାରିବେ ତାହା ଏହି ବୈଠକରେ ନିଷ୍ପତ୍ତି ହୋଇଥାଏ; କିନ୍ତୁ ଯେଉଁମାନେ ଦେଖାଯାଉଛି ଲୋକଙ୍କ ପକ୍ଷ ରଖିବା କଥା ସେମାନେ ବୈଠକରେ କ୍ରମାଗତ ଅନୁପସ୍ଥିତ ରହୁଛନ୍ତି। ଜିଲ୍ଲାର ବିଧାୟକ ତଥା ରାଜ୍ୟ ସରକାରରେ ମନ୍ତ୍ରୀ ଥିବା ଜନପ୍ରତିନିଧିମାନେ ଏହି ବୈଠକମାନଙ୍କୁ ବହୁତ ଗୌଣ ମନେ କରି ନିଜ ନିଜର ପ୍ରତିନିଧିମାନଙ୍କୁ ପଠାଉଛନ୍ତି। ଯେଉଁମାନେ କେବଳ ଚୁପ୍ ରହି ଅଧିକାରୀମାନଙ୍କ କଥା ଶୁଣୁଛନ୍ତି। ୨ ଦିନ ତଳେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ଓ ପରି.ଳନା ବୈଠକ ପ୍ରହସନ ଥିଲା। ଆଜି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଏକ ପ୍ରେସ୍‌ବିବୃତ୍ତି ମାଧ୍ୟମରେ ଏହା କହିବା ସହ କ୍ଷୋଭ ପ୍ରକାଶ କରିଛନ୍ତି।

ଲୋକେ ଭୋଟ ଦେଇ ବିଧାୟକ, ସାଂସଦ ବାଛିଛନ୍ତି; କିନ୍ତୁ ଦୁଃଖର କଥା ଲୋକଙ୍କ ସ୍ୱାର୍ଥ ସମ୍ବନ୍ଧରେ ଅନୁଷ୍ଠିତ କୌଣସି ବୈଠକରେ ଏମାନେ ଯୋଗ ଦେଉନାହାନ୍ତି। ଏଣୁ ଅଧିକାରୀ କିମ୍ବା ସରକାରଙ୍କ ପାଖକୁ ଲୋକଙ୍କ ସ୍ୱର କେମିତି ପହଞ୍ଚିବ ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟର ଅର୍ଥ ନୁହେଁ କେବଳ ବର୍ଷା, ବାତ୍ୟା କିମ୍ବା ବନ୍ୟା। ଅଧିକାରୀ ତଥା ଜନ ପ୍ରତିନିଧି ଭୁଲି ଯାଉଛନ୍ତି ଯେ ଅଞ୍ଚଳରେ ନିଶ୍ଚିତ ଜଳସେଚନ ଅତି ନଗନ୍ୟ। ଏ ବର୍ଷ ପୁଣି ଏଲ୍‌ନିନୋର ପ୍ରଭାବରୁ ସ୍ୱଳ୍ପ ବୃଷ୍ଟି ଆଶଙ୍କା ନେଇ ପାଣିପାଗ ବିଭାଗ ଆଗରୁ ସତର୍କ କରିଦେଇଛି। ଏପରି ସ୍ଥଳେ ଜିଲ୍ଲାରେ ମରୁଡି ପରିସ୍ଥିତି ନିଶ୍ଚିତ ଭାବେ ସୃଷ୍ଟି ହୋଇପାରେ। ଏ ଦିଗରେ କିନ୍ତୁ ଜିଲ୍ଲାପାଳ କିମ୍ବା ଜନପ୍ରତିନିଧିଙ୍କ ପ୍ରତିନିଧିମାନେ କୌଣସି ଆଲୋଚନା କରି ନାହାନ୍ତି। ସାମ୍ଭାବ୍ୟ ମରୁଡି ମୁକାବିଲା ପାଇଁ କି ପଦକ୍ଷେପ ନେବେ କୌଣସି ପ୍ରସ୍ତାବ ମଧ୍ୟ ପାରିତ ହୋଇନାହିଁ। ୨୦୨୪ ପୂର୍ବରୁ ଏହି ବୈଠକରେ ବଲାଙ୍ଗିର ସହରର ଗନ୍ଧରେଲ ଡ୍ୟାମ୍, ଲକ୍ଷ୍ମୀଯୋର ଚେକଡ୍ୟାମ୍, ସୋନଗଡ଼ ନଦୀରେ ସିକୁଆଁ ବ୍ୟାରେଜ, ତେଲ ନଦୀର ନଦୀ ବନ୍ଧ ତଥା ବ୍ୟାରେଜ ନିର୍ମାଣ ପାଇଁ ପ୍ରସ୍ତାବ ଯାଇ ଅନୁଦାନ ଆସୁଥିଲା; କିନ୍ତୁ ଏହି ବୈଠକରେ ସେଭଳି କିଛି ପ୍ରସ୍ତାବ କାହିଁକି ଦିଆଯାଉ ନାହିଁ ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଛନ୍ତି। ଅଧିକାରୀମାନେ ଅନେକ ସଂଖ୍ୟାରେ ବୈଠକରେ ଉପସ୍ଥିତ ରହୁଛନ୍ତି। ଅଧିକାରୀଙ୍କ କାମ ହେଲା ବୈଠକରେ ଉପସ୍ଥିତ ଥିବା ଜନପ୍ରତିନିଧି, ବିଧାୟକ, ସାଂସଦ ଦେଉଥିବା ପ୍ରସ୍ତାବ ହେଉ କି ପ୍ରକଳ୍ପ ହେଉ ତାହାର କାର୍ଯ୍ୟକାରୀ କରାଇବା; କିନ୍ତୁ ଏମାନଙ୍କ ଅନୁପସ୍ଥିତି ପ୍ରମାଣ କରୁଛି ଯେ ଏହି ବିଧାୟକ, ସାଂସଦ, ମନ୍ତ୍ରୀ ଲୋକଙ୍କ ଭୋଟ ନେଇ ଲୋକଙ୍କୁ ପ୍ରତାରଣା କରୁଛନ୍ତି। ସମ୍ଭାବ୍ୟ ମରୁଡି ମୁକାବିଲା ପାଇଁ ସୁକତେଲ, ସୋନଗଡ ଉପରେ ବ୍ୟାରେଜ, ଚେକଡ୍ୟାମ ନିର୍ମାଣ କରି ବର୍ଷସାରା ଯେମିତି .ଷ ଏବଂ ପିଇବା ପାଇଁ ପାଣି ଉପଲବ୍ଧ ରହିବ ସେ ଉପରେ ସରକାରଙ୍କ ପାଖକୁ ପୁଣି ଥରେ ପ୍ରସ୍ତାବ ପଠାଯାଉ। ସୋନଗଡ ନଦୀ ଉପରେ ଜରାସିଂହା, ଦେଓଗାଁ ଠାରେ ବ୍ୟାରେଜ ନିର୍ମାଣ ପାଇଁ ହେଉଥିବା ଦାବିକୁ ସରକାରଙ୍କ ପାଖକୁ ପହଞ୍ଚାଯାଉ। ସିକୁଆଁଠାରେ ପ୍ରସ୍ତାବିତ ବ୍ୟାରେଜ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉ। ତା ସହ ସହରର ସବୁ ବନ୍ଧକଟାର ପାଣିକୁ ବର୍ତ୍ତମାନ ଉନ୍ନତିକରଣ ନାଁରେ ପୌର ପରିଷଦ ତରଫରୁ ପାଣି ଖାଲି କରିଦିଆଯାଇଛି। ବିନା ବିକଳ୍ପ ବ୍ୟବସ୍ଥା କରି ପାଣି କାଟିଦେବା ଦ୍ୱାରା ସହର ମଧ୍ୟରେ ଜଳସ୍ତର ଅହେତୁକ ଭାବେ ହ୍ରାସ ପାଇଛି। ସହରବାସୀଙ୍କ ସମେତ ଗାଁରୁ ସହରକୁ ଆସୁଥିବା ଲୋକ ଗାଧେଇବା ପାଣି ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ବିପର୍ଯ୍ୟୟ ପରି.ଳନା କମିଟି କାହିଁକି କୌଣସି ପଦକ୍ଷେପ ନେଉ ନାହିଁ ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଥିଲେ।

# ଜିଲ୍ଲା ଜର୍ଣ୍ଣାଲିଷ୍ଟ ଫୋରମ୍‌ର ସାଧାରଣ ପରିଷଦ ବୈଠକ




ବୌଦ୍ଧ,୧।୬ (ସମିସ): ଜିଲ୍ଲା ଜର୍ଣ୍ଣାଲିଷ୍ଟ ଫୋରମ୍‌ର ସାଧାରଣ ପରିଷଦ ବୈଠକ ବୌଦ୍ଧ ଜିଲ୍ଲା ଷ୍ଟାଡିୟମ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଫୋରମ୍‌ର ସଭାପତି ଦିବ୍ୟ ଶଙ୍କର ରାଉତଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ସଂଗଠନର ବିଭିନ୍ନ କାର୍ଯ୍ୟକ୍ରମ, ସାମ୍ବାଦିକମାନଙ୍କ ସ୍ୱାର୍ଥ ସମ୍ବନ୍ଧୀୟ ପ୍ରସଙ୍ଗ ଓ ଆଗାମୀ ଦିନର କାର୍ଯ୍ୟପନ୍ଥା ଉପରେ ଆଲୋଚନା ହୋଇଥିଲା। ସଭା ପ୍ରାରମ୍ଭରେ ଫୋରମ୍‌ର ସାଧାରଣ ସମ୍ପାଦକ ଯୁଗଳ କିଶୋର ସାମଲ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ସଂଘର ନବୀକରଣ ତଥା କେତେକ ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହାପରେ ସଦସ୍ୟ ଦିବ୍ୟରଞ୍ଜନ ପଟ୍ଟନାୟକ, ସତ୍ୟଜିତ୍ ପଣ୍ଡା, ସତ୍ୟନାରାୟଣ ପାଣି, ପ୍ରକାଶ ଚନ୍ଦ୍ର ମେହେର, ସୁକାନ୍ତ ପଟ୍ଟନାୟକ ଏବଂ ସଞ୍ଜୀବ ମହାକୁଳ ପ୍ରମୁଖ ନିଜ ନିଜ ବକ୍ତବ୍ୟ ଉପସ୍ଥାପନ କରି ସଂଘର ସୁଦୃଢ଼ୀକରଣ ଓ ସାମ୍ବାଦିକମାନଙ୍କ ସମସ୍ୟା ନେଇ ମତାମତ ରଖିଥିଲେ। ବୈଠକରେ ଉପସ୍ଥିତ ସଦସ୍ୟମାନେ ସାମ୍ବାଦିକତାର ମାନ ବୃଦ୍ଧି ସହ ସାମ୍ବାଦିକମାନଙ୍କ ମଧ୍ୟରେ ଐକ୍ୟ ଓ ସହଯୋଗ ଭାବନାକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ସଦସ୍ୟ ବବ୍‌ଲୁ ପାଢୀ, ଦେବାନନ୍ଦ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ସୁଧାଂଶୁ ଶେଖର ମିଶ୍ର, ବାସୁଦେବ ସାହୁ, ଜୟ କୁମାର ମହାରଣା, ମାନସ ରଞ୍ଜନ ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରଞ୍ଜନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପାଣି ପାଇଁ ତାତିଲେ ମହିଳା

ମୁରିବାହାଲ,୧।୬(ସମିସ)



ରାଜ୍ୟରେ ନିଆଁ ବର୍ଷୁଛି, ପାରଦ ୪୦ ଡିଗ୍ରୀ ଉପରେ; କିନ୍ତୁ ଏହି ସାଂଘାତିକ ପରିସ୍ଥିତିରେ ବି ପ୍ରଶାସନ ନିଘୋଡ଼ ନିଦ୍ରାରେ। ମୁରିବାହାଲ ପଞ୍ଚାୟତରେ ନା ଜଳ ଛତ୍ର ନା ହେଉଛି ଜଳ ଯୋଗାଣ ବ୍ୟବସ୍ଥା ହୋଇଛି। ବ୍ଲକ୍ ପ୍ରଶାସନ ଓ ପଞ୍ଚାୟତ ଅଧିକାରୀଙ୍କ ଏଭଳି ଘାଣ୍ଟିତା ବିରୋଧରେ ଶତାଧିକ ମହିଳା ଗର୍ଜିଛନ୍ତି। ବ୍ଲକ୍ ସମ୍ମୁଖରେ ରାସ୍ତା ରୋକ କରିବା ସହ ସମିତି ସଭ୍ୟ ଅନଶନରେ ବସିଥିଲେ। ରାସ୍ତାରୋକ ହେବାରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗୁଡ଼ିଘାଟ ପଟୁ ଓ ବଙ୍ଗୋମୁଣ୍ଡା ପଟୁ ଆସୁଥିବା ଶହ ଶହ ଯାନବାହାନ ପଡି ରହିଥିଲା। ରାସ୍ତାଦେଇ ଗତି କରୁଥିବା ସାଧାରଣ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଶତାଧିକ ମହିଳାଙ୍କ ଅଭିଯୋଗ ଅନୁସାରେ ଗ୍ରୀଷ୍ମ ପ୍ରବାହ ଯୋଗୁଁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ପାନୀୟ ଜଳ ପାଇଁ ଲୋକେ ତହଳବିକଳ ହେଉଛନ୍ତି। ମୁରିବାହାଲ ବ୍ଲକ୍ ମୁଖ୍ୟାଳୟର ପଞ୍ଚାୟତର ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ସରକାରୀ ନିୟମ ଅନୁଯାୟୀ ପ୍ରତି ଜନଗହଳି ପୂର୍ଣ୍ଣ ସ୍ଥାନରେ ଜଳ ଛତ୍ର ଖୋଲିବା କଥା; କିନ୍ତୁ ପଞ୍ଚାୟତ ଅଧିକାରୀଙ୍କ ବେପରୁଆ ମନୋଭାବ ଯୋଗୁଁ ଲୋକେ ଢୋକେ ପାଣି ପାଇଁ ମାଇଲ୍ ମାଇଲ୍ ଚାଲୁଛନ୍ତି; ହେଲେ ପାଣି ଟୋପାଏ କେଉଁଠି ବି ପାଇ ପାରୁନାହାଁନ୍ତି। ଏହାର ପ୍ରତିବାଦରେ ଆଜି ସକାଳୁ ସ୍ଥାନୀୟ ମହିଳାମାନେ ଖାଲି ଗରା ଓ ବାଲ୍ଟି ଧରି ସ୍ଥାନୀୟ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତା ଅବରୋଧ କରିଥିଲେ। ପ୍ରଶାସନ ମୁର୍ଦ୍ଦାବାଦ ଧ୍ୱନିରେ କମ୍ପିଥିଲା ପରିବେଶ।

ଜନସାଧାରଣଙ୍କ ହକ୍ ପାଇଁ ମୁରିବାହାଲ ସମିତି ସଭ୍ୟ ଚକ୍ରଧର ହେର୍ଣ୍ଣା ମଧ୍ୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନରେ ବସିଥିଲେ। ଜଳ ଛତ୍ର ପାଇଁ ଆସୁଥିବା ପାଣ୍ଠି କୁଆଡ଼େ ଯାଉଛି, ପଞ୍ଚାୟତ ଅଧିକାରୀଙ୍କୁ ସାଧାରଣ ଲୋକଙ୍କ ସମସ୍ୟା ଦେଖାଯାଉ ନାହିଁ କାହିଁକି ବୋଲି ଏମାନେ ଅଭିଯୋଗ କରିଛନ୍ତି। ତେବେ ମୁରିବାହାଲ ବିଡ଼ିଓ ବାସନ୍ତୀ ସେଠୀ, ତହସିଲଦାର ଜଗତରାମ କର୍ତ୍ତାମୀ, ଆରଡବ୍ଲୁଏସଏସ ଯନ୍ତ୍ରି ଆଶିଷ ଜେନା ଓ ସ୍ଥାନୀୟ ପଞ୍ଚାୟତ ଅଧିକାରୀ ପାଣି ଯୋଗାଇ ଦେବାକୁ ଲିଖିତ ପ୍ରତିଶ୍ରୁତି ଦେଇ ଅନଶନ ଭଙ୍ଗ କରିଥିଲେ।

## ପକ୍ଷାଘାତ ରୋଗୀଙ୍କୁ ସର୍ପ ବନ୍ଧନ ଘଟଣା

# ବେପରୁଆ ମନ୍ତବ୍ୟ ଦେଇ ଅଡୁଆରେ ଶୁଭେନ୍ଦୁ ମଲ୍ଲିକ

ବୌଦ୍ଧ,୧।୬(ସମିସ): ପକ୍ଷାଘାତ ରୋଗୀଙ୍କୁ ସର୍ପ ବନ୍ଧନ ଘଟଣା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ବେପରୁଆ ପ୍ରତିକ୍ରିୟା ରଖି ଏବେ ସ୍ନେକ ହେଲ୍ପ ଲାଇନ ମୁଖ୍ୟ ଶୁଭେନ୍ଦୁ ମଲ୍ଲିକ ଆଡୁଆରେ ପଡିଛନ୍ତି। ଏଭଳି ଅବପରୁଆ ମନ୍ତବ୍ୟ ପାଇଁ ଶୁଭେନ୍ଦୁ ସାର୍ବଜନୀନ ଭାବେ ଭୁଲ୍ ମାଗନ୍ତୁ। ନଚେତ ଆଇନର ଆଶ୍ରୟ ନେବେ ବୋଲି ପରିବାର ଲୋକେ ଚେତାବନୀ ଦେଇଛନ୍ତି।

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଆଡେଣିଗଡ଼ ଗାଁର କୃଷ୍ଣଚନ୍ଦ୍ର ସାହୁ ନାମକ ଜଣେ ପକ୍ଷାଘାତ ରୋଗୀ ବିଳମ୍ବିତ ରାତିରେ ଘରେ ଶୋଇଥିବା ବେଳେ ଝରକା ଦେଇ ଏକ ବିଷଧର ସାପ ଘର ଭିତରକୁ ପଶି ଆସିଥିଲା। ସାପଟି ଶୋଇଥିବା କୃଷ୍ଣଙ୍କ ଶରୀର ଉପରକୁ ଚଢ଼ି ଯାଇଥିବା ବେଳେ ତାଙ୍କ ହାତକୁ ଏକ ଚେୟାର ସହ ଜୋରରେ ଗୁଡ଼ାଇ ବାନ୍ଧି ପକାଇଥିଲା। ପରେ କୃଷ୍ଣଙ୍କ ବିକଳ ଚିତ୍କାର ଶୁଣି ପରିବାର ଲୋକେ ଛାନିଆ ହୋଇପଡ଼ିଥିଲେ। ପ୍ରାୟ ୨ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ସାପ କବଳରୁ କୃଷ୍ଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲା

### କ୍ଷମା ନ ମାଗିଲେ ଆଇନର ଆଶ୍ରୟ ନେବେ ପରିବାର ଲୋକେ

ଏବଂ ସାପଟିକୁ ମଧ୍ୟ ଘର ବାହାରେ ସୁରକ୍ଷିତ ଭାବେ ଛାଡ଼ି ଦିଆଯାଇଥିଲା। ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହେବା ପରେ, ସ୍ନେକ ହେଲ୍ପ ଲାଇନ ମୁଖ୍ୟ ଶୁଭେନ୍ଦୁ ମଲ୍ଲିକ ଫୋନ ଯୋଗେ କୃଷ୍ଣଙ୍କ ପରିବାର ଓ ଏହି ଉଦ୍ଧାର କାର୍ଯ୍ୟକୁ ନେଇ ବେପରୁଆ ମନ୍ତବ୍ୟ ଦେଇଥିଲେ। ଯାହାକୁ ନେଇ ଏବେ ବିବାଦ ତେଜିବାରେ ଲାଗିଛି। ଘଟଣାର ସତ୍ୟାସତ୍ୟ ନଜାଣି ଶୁଭେନ୍ଦୁ କିଭଳି ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ଦେଲେ ବୋଲି ପରିବାର ଲୋକେ ପ୍ରଶ୍ନ କରିଛନ୍ତି। ଶୁଭେନ୍ଦୁଙ୍କ ଆହ୍ୱାନ କ୍ରମେ ଏସପି ଓ ଡିଏଫଓ ଏହାର ସ୍ୱତନ୍ତ୍ର ତଦନ୍ତ କରନ୍ତୁ। ଘଟଣା ସତ ପ୍ରମାଣିତ ହୁଏ ତେବେ ଶୁଭେନ୍ଦୁ ପରିବାର ନିକଟକୁ ଆସି କ୍ଷମା ମାଗନ୍ତୁ। ନଚେତ ଗଣମାଧ୍ୟମରେ ଭୁଲ୍ ସ୍ୱୀକାର କରନ୍ତୁ ବୋଲି ପରିବାର ଲୋକେ ଜିଦ୍ ଧରିଛନ୍ତି। ଏପଟେ କୃଷ୍ଣ ନିଜେ ଆଜି ଗଣମାଧ୍ୟମ ସମ୍ମୁଖରେ ସମ୍ପୂର୍ଣ୍ଣ ଘଟଣାବଳୀ ବର୍ଣ୍ଣନା କରିଛନ୍ତି। ତେବେ ଘଟଣା ସମ୍ପର୍କରେ କୌଣସି ସୂଚନା ନ ପାଇ ଟିଭି ଚ୍ୟାନେଲଗୁଡିକରେ ମାନଗଢା କାହାଣୀ କହି ଏକ ଅଡୁଆରେ ପଡିଛନ୍ତି ଶୁଭେନ୍ଦୁ ମଲ୍ଲିକ। ଶୁଭେନ୍ଦୁ ଯଦି କ୍ଷମା ନ ମାଗନ୍ତି ତେବେ ପରିବାର ଲୋକେ ଆଇନର ଆଶ୍ରୟ ନେବେ ବୋଲି ପରିବାର ସଦସ୍ୟ କୁମୁଦ ଚନ୍ଦ୍ର ସାହୁ କହିଛନ୍ତି।

# ୨ ବିସ୍ଫୋରକ ଭର୍ତ୍ତି ଗାଡ଼ି ଜବତ; ୩ ଗିରଫ

ତରଭା,୧।୬(ସମିସ): ତରଭା ପୁଲିସ ବିପୁଳ ୨ଟି ବିସ୍ଫୋରକ ଭର୍ତ୍ତି ଗାଡି ଜବତ କରିଛି। ଏହି ଘଟଣାରେ ୩ ଜଣ ଗିରଫ ହୋଇଛନ୍ତି। ଆଇଆଇସି ଡୋଳାମଣି ନାଏକଙ୍କ ନେତୃତ୍ୱରେ ପାଟ୍ରୋଲିଂ ଚାଲିଥିବା ବେଳେ ବ୍ରାହ୍ମଣୀ ରାସ୍ତା ପଣ୍ଡରାପିଟା ଦେଇ ତାଳପଦର ଗ୍ରାମକୁ ଯାଇଥିବା ରାସ୍ତାରେ ଥିବା ଏକ କ୍ରସର ନିକଟରେ ଥିବା ପାହାଡ଼ରେ କେତେକ ଲୋକ ପଥର ବିସ୍ଫୋରଣ କରୁଥିବା ସୂଚନା ମିଳିଥିଲା। ପୁଲିସ ପହଞ୍ଚି ୩ ଜଣ ବ୍ୟକ୍ତିଙ୍କୁ ଧରିଥିଲା। ଏହାସହ ବିସ୍ଫୋରକ ସାମଗ୍ରୀ ଭର୍ତ୍ତି ପିକ୍‌ଅପ୍ ଭ୍ୟାନ (ଓଡି ୧୫ ଏଲ ୩୧୫୨ ଏବଂ ଓଆର ୧୫ ଆର ୯୨୫୨) ଜବତ କରିଥିଲା। ତଦନ୍ତ ବେଳେ ଗାଡ଼ିରେ ଥିବା କୋଡେକ୍ସ, ୧୫ ବଣ୍ଡଲ ଡିଟୋନେଟର ଏବଂ ୯ଟି ସେଲ୍‌ରେ ରହିଥିବା ୨୫ କେଜି ଓଜନର ୨୨୫ ପ୍ୟାକେଟ ବାରୁଦ (୫୬୨୫ କେଜି) ପୁଲିସ ଜବତ କରିଥିଲା। ସମ୍ବଲପୁର ତାଳପାଲିର ଧ୍ରୁବ ଚରଣ ସାହୁ (୫୬), ଲଙ୍ଗାବାହାଲ ଗ୍ରାମର ବିକାଶ ପଧାନ(୩୨) ଏବଂ ତାଳପାଲିର ବିସ୍ଫୋରକ ପରିଚାଳକ ସଚିନ୍ଦ୍ର ଭୋଇ (୨୪)କୁ ପୁଲିସ ଗିରଫ କରିଛି। ସମ୍ବଲପୁରରେ ଥିବା ବୃହାନି ଏକ୍ସପ୍ଲୋସିଭ କମ୍ପାନୀ ନିର୍ଦ୍ଦେଶରେ ତାଳପଦର ଗ୍ରାମର ହରେକୃଷ୍ଣ ଦାସଙ୍କ ଆଦେଶରେ ସେମାନେ ବିସ୍ଫୋର କରୁଥିବା ପୁଲିସକୁ ସୂଚନା ଦେଇଛନ୍ତି। ଏସ୍‌ଆଇ ପ୍ରସନ୍ନଜିତ ବେହେରା ଏହାର ତଦନ୍ତ ଦାୟିତ୍ୱ ନେଇଛନ୍ତି। ଏ ସମ୍ପର୍କରେ ତରଭା ପୁଲିସ ଏକ ମାମଲା ରୁଜୁ କରିଛି।



# ଦୁର୍ଘଟଣାରେ ୨ ଯୁବକଙ୍କ ମୃତ୍ୟୁ

ଟିଟିଲାଗଡ଼,୧।୬(ସମିସ): ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼-ବେଲଗାଁ ରାସ୍ତାର ଚୋରମରା ନିକଟ ପୋଲ ନିକଟରେ ସୋମବାର ଦୁର୍ଘଟଣା ଘଟିଛି। ଏଥିରେ ସର୍ଗିଗୁଡ଼ା ନିବାସୀ ଭକ୍ତି କୁମ୍ଭାରଙ୍କ ପୁଅ ଶିବୁ କୁମ୍ଭାର, ବେଲଗାଁର ସାଗର ନାଗଙ୍କ ମୃତ୍ୟୁ ଘଟିଛି। ଉଭୟ ପୋଲ ନିକଟରେ ବସିଥିବା ବେଳେ ଏକ କାର୍ ଏମାନଙ୍କୁ ଧକ୍କା ଦେଇ ପଳାଇଥିବା ଲୋକେ କହିଛନ୍ତି। ତେବେ ଟିଟିଲାଗଡ ସରକାରୀ ଡାକ୍ତରଖାନାକୁ ଆମ୍ବୁଲାନ୍ସ ଯୋଗେ ଆଣିବା ପରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି। ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ତରଭା ବ୍ଲକ୍‌ରେ ଯୁଗ୍ମ ଅଭିଯୋଗ ଶୁଣାଣି

ତରଭା,୧।୬ (ସମିସ): ସୁବର୍ଣ୍ଣପୁର ଜିଲ୍ଲାର ତରଭା ବ୍ଲକର ବାଲିଖମାର ପଞ୍ଚାୟତ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ଓ ସୁବର୍ଣ୍ଣପୁର ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ୪୮ଟି ଅଭିଯୋଗ ଉପରେ ଦରଖାସ୍ତ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୯ ଟି ବ୍ୟକ୍ତିଗତ ଏବଂ ୧୯ଟି ସାମୂହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା। ସମସ୍ତ ଦରଖାସ୍ତଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ନିକଟକୁ ପଠା ଯାଇଛି। ଏହି ଅବସରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ତରଭା ତହସିଲଦାର ଶ୍ୱେତାଲିନା ମାହାଣା ଓ ସରପଞ୍ଚ ସୁଦାମ ଦୀପ ପ୍ରମୁଖ ମଞ୍ଚାସୀନ ଥିଲେ। ବିଡିସ ଶିବାନନ୍ଦ କର୍ମୀଙ୍କ ଦ୍ୱାରା ଆୟୋଜିତ ଏହି ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଉଷାରାଣୀ ଦାସ, ସହକାରୀ କଲେକ୍ଟର (ଅଭିଯୋଗ) ପ୍ରିୟଦର୍ଶିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ଯତ୍ନକାରୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



ତରଭା,୧।୬ (ସମିସ): ସୋମବାର ତରଭା ବ୍ଲକର ବାଲିଖମାର ପଞ୍ଚାୟତରେ ଆୟୋଜିତ ଜନ ଶୁଣାଣି କାର୍ଯ୍ୟକ୍ରମରେ ମାନସିକ ରୋଗୀମାନଙ୍କ ଯତ୍ନକାରୀ ଓ ପରିବାର ସଦସ୍ୟମାନେ ଯୋଗଦେଇ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ)ରେ ସ୍ଥାୟୀ ମାନସିକ ରୋଗ ବିଶେଷଜ୍ଞ ନିଯୁକ୍ତି, ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରତି ମାସରେ ଅତି କମ୍‌ରେ ଥରେ ମାନସିକ ରୋଗ ବିଶେଷଜ୍ଞଙ୍କ ଓପିଡି ପରିଚାଳନା ଏବଂ ସମସ୍ତ ଆବଶ୍ୟକ ମାନସିକ ରୋଗ ଔଷଧର ନିୟମିତ ଉପଲବ୍ଧତା ଦାବି କରାଯାଇଥିଲା। ଯତ୍ନକାରୀମାନେ ଉଲ୍ଲେଖ କରିଥିଲେ ଯେ ତରଭା ବ୍ଲକରେ ୫୦୦ରୁ ଅଧିକ ମାନସିକ ରୋଗୀ ରହିଥିବା ପ୍ରତ୍ୟେକ ମାନସିକ ସ୍ୱାସ୍ଥ୍ୟ ଓପିଡିରେ ୧୦୦ରୁ ଅଧିକ ରୋଗୀ ଚିକିତ୍ସା ଓ ଔଷଧ ପାଇଁ ଆସୁଛନ୍ତି। ଏହାସହ ଅନେକ ରୋଗୀଙ୍କୁ ବଲାଙ୍ଗୀର ଏବଂ ବିଭିନ୍ନ ବେସରକାରୀ ଚିକିତ୍ସାଳୟ ଉପରେ ନିର୍ଭର କରିବାକୁ ପଡୁଛି। ତେଣୁ ଜିଲ୍ଲାରେ ମାନସିକ ସ୍ୱାସ୍ଥ୍ୟ ସେବାକୁ ଅଧିକ ସୁଦୃଢ଼ କରିବା ପାଇଁ ଯଥାଶୀଘ୍ର ପଦକ୍ଷେପ ନେବାକୁ ସେମାନେ ଅନୁରୋଧ କରିଥିଲେ। ଦାବିପତ୍ର ସମୟରେ ମାନସିକ ରୋଗୀମାନଙ୍କ ଯତ୍ନକାରୀ ଓ ପରିବାର ସଦସ୍ୟଙ୍କ ସହ ଧନୁର୍ଦ୍ଧର ନାଏକ, ମିତ୍ରଭାନୁ ମଲ୍ଲିକ, ଗୁଣନିଧି ମାଝୀ, ସୁମିତ୍ରା ମାଝୀ, ମମତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍ତ୍ୟକ୍ତ ଲୋକଙ୍କ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ

ଶଗଡା,୧।୬(ସମିସ): କଣ୍ଟାମାଳ ଅଞ୍ଚଳରେ ହୋଇଥିବା କାଳବୈଶାଖୀ ହେତୁ ୫ ଦିନ ହେବ ଅନେକ ଗାଁରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଏଭଳି ମନମୁଖୀ କାର୍ଯ୍ୟ ଯୋଗୁଁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଗତ ବୁଧବାର ଓ ଗୁରୁବାର କାଳବୈଶାଖୀର କରାଳ ରୂପ ସହ ଝଡ ତୋଫାନ ଆସିଥିଲା। କିଛି କ୍ଷଣ ମଧ୍ୟରେ ସବୁ ଛାର୍‌ଖାର କରି ଦେଇଥିଲା; ହେଲେ ଏ ପର୍ଯ୍ୟନ୍ତ ମଧ୍ୟ ସ୍ଥିତି ସୁଧୁରି ପାରି ନାହିଁ। ଦପଲା ଅଞ୍ଚଳର ବଉଳସିଂହା, ପ୍ରଧାନପାଲି, ଟୁନିମୁଣ୍ଡା, ପାଇକବାହାଲ୍ ଆଦି ଗାଁରେ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ୍ ସେବା ବନ୍ଦ ରହିଛି। ୧୫୦ ଘଣ୍ଟା ହେଲାଣି ହେଲେ ବିଦ୍ୟୁତ୍ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁନି। ଗ୍ରାମବାସୀ ବାରମ୍ବାର ବିଦ୍ୟୁତ୍ ସଂଯୋଗ ପାଇଁ ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କୁ ଫୋନ କରି ଜଣାଇ ଥିଲେ ମଧ୍ୟ କେହି ଶୁଣୁ ନ ଥିବା ଅଭିଯୋଗ ହୋଇଛି। ଏନେଇ ଅଞ୍ଚଳବାସୀ ଆଜି ମନମୁଣ୍ଡାସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ; କିନ୍ତୁ କାର୍ଯ୍ୟାଳୟରେ କୌଣସି ଅଧିକାରୀ ଉପସ୍ଥିତ ନ ଥିଲେ। ଲୋକେ ବାଧ୍ୟ ହୋଇ ଅଧିକାରୀଙ୍କୁ ଫୋନ୍ କରିଥିଲେ; କିନ୍ତୁ ଅଧିକାରୀ ଜଣକ ଆସିପାରିବେନି କହି ଅନ୍ୟ କର୍ମଚାରୀମାନଙ୍କୁ ଦାବିପତ୍ର ଦେଇଦେବାକୁ କହିଥିଲେ। କର୍ମଚାରୀମାନେ କିନ୍ତୁ ଦାବିପତ୍ର ରଖି ନ ଥିଲେ। ଗ୍ରାମବାସୀ ପୁଣି ଅଧିକାରୀଙ୍କୁ ଫୋନ୍ କରିବାରୁ ଆଜି ବିଦ୍ୟୁତ୍ ସଂଯୋଗ ହୋଇଯିବ ଘରକୁ ଯାଅ ବୋଲି କହିଥିଲେ। ଲୋକେ ଖରାରେ ଅତିଷ୍ଠ ହୋଇ ଦୁଃଖରେ ଘରକୁ ଫେରିଥିଲେ। ଫେରିଲା ପରେ ମଧ୍ୟ ବିଦ୍ୟୁତ୍ ଯୋଗାଣ କରାଯାଇନି। ବିଦ୍ୟୁତ୍ ବିଭାଗର ଏମିତି କାର୍ଯ୍ୟ କଳାପକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।



# ହାଇସ୍କୁଲ କିରାଣିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଦେଓଗାଁ,୧।୬(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ରାମଚନ୍ଦ୍ରପୁର ପଲ୍ଲିଶ୍ରୀ ହାଇସ୍କୁଲ କିରାଣି ରମେଶ ପଟେଲଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗନ୍ନାଥ ମେହେରଙ୍କ ପରିଚଳନାରେ ତଥା ପରିଚାଳନା କମିଟି ସଭାପତି ମନୋଜ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଂକୀର୍ତ୍ତନ ବାଗ, ସମ୍ମାନୀତ ଅତିଥି ଭାବେ ସରପଞ୍ଚ ପଦ୍ମିନୀ ମିଶ୍ର, ପୂର୍ବତନ ସଭାପତି ଯୋଗେଶ୍ୱର ସାହୁ, ଗୋବିନ୍ଦ ବିଶି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉପେନ୍ଦ୍ର ରଣା, ଲୋକନାଥ ପଟେଲ, ଗୌନ୍ତିଆ ସନ୍ତୋଷ ପଟେଲ ପ୍ରମୁଖ ଯୋଗ ଦେଇଥିଲେ।

# ବନ୍ଧପାଲି ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର



ଡୁଙ୍ଗୁରିପାଲି,୧।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ବନ୍ଧପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଅଭିଯୋଗ ଶୁଣାଣି ଶିବିବର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ସଞ୍ଜିବ ସାହୁ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ବିଡ଼ିଓ ମହେଶ୍ୱର ପଧାନ, ସ୍ଥାନୀୟ ସରପଞ୍ଚ କ୍ଷୀରୋଦ୍ର ବୁଡ଼େକ, ପିଇଓ ଦେବେନ୍ଦ୍ର ପଧାନ, ଯୋଗାଣ ଅଧିକାରୀ ସୂର୍ଯ୍ୟକାନ୍ତ ପରିଡା, ଜିପିଡିଓ ରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ଯୁବକବି ରିଙ୍କୁ ପଧାନ ସମ୍ମାନିତ

ଡୁଙ୍ଗୁରିପାଲି,୧।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ କାଇଁଶକନ୍ଦା ଗ୍ରାମର ଯୁବକବି ରିଙ୍କୁ ପଧାନଙ୍କୁ "ସୃଜନ ଶ୍ରୀ ସମ୍ମାନ" ପ୍ରଦାନ କରାଯାଇଛି। ବାଲେଶ୍ୱରଠାରେ ରାଜ୍ୟସ୍ତରୀୟ ସାରସ୍ୱତ ମହୋତ୍ସବ ଓ "କବିତା କୁମ୍ଭରେ ତାଙ୍କୁ ଏହି ସମ୍ମାନ ମିଳିଛି। ଦୈନିକ ଖବରକାଗଜ ଅପରାହ୍ନର ସମ୍ପାଦକ ବଂଶୀଧର ଜେନାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାର କବି, କବୟିତ୍ରୀ ତଥା ପ୍ରବାସୀ ଓଡ଼ିଆ ସାହିତ୍ୟପ୍ରେମୀମାନଙ୍କ ସମାବେଶ ହୋଇଥିଲା। ଏହି ଅବସରରେ କବିତା ପାଠୋତ୍ସବ ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା।



# ସଇଁତଳା ଶିବା ଏଗ୍ରୋ ରାଇସ୍ ମିଲ୍‌ରେ ବଏଲର ଫାଟି ଶ୍ରମିକ ଗୁରୁତର

ସଇଁତଳା,୧।୬(ସମିସ): ସଇଁତଳାସ୍ଥିତ ବିବିନା ଛକ ନିକଟରେ ଥିବା ଶିବା ଏଗ୍ରୋ ରାଇସ୍ ମିଲ୍‌ରେ ଆଜି ଏକ ଅଘଟଣ ଘଟିଛି। ମିଲର ବଏଲର ହଠାତ୍ ଫାଟିଯିବାରୁ ଜଣେ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ଆଜି ଅପରାହ୍ନ ସମୟରେ ମିଲ୍ ଚାଲୁଥିବା ବେଳେ ବଏଲର ବିସ୍ଫୋରଣ ହୋଇ ଫାଟିଯାଇଥିଲା। ଘଟଣାସ୍ଥଳରେ କାର୍ଯ୍ୟ କରୁଥିବା ଜଣେ ଶ୍ରମିକଙ୍କ ଦେହରେ ଗରମ ବାଷ୍ପ ଓ ପାଣି ପଡିବାରୁ ସେ ଗୁରୁତର ହୋଇଛନ୍ତି। ଆହତ ଶ୍ରମିକ ହେଉଛନ୍ତି ଦେଓଗାଁ ଥାନା କୁଳିଆବାହାଲର କୁଶ ବାଗ। ସଙ୍ଗେ ସଙ୍ଗେ ମିଲ୍ କର୍ତ୍ତୃପକ୍ଷ ଓ ଅନ୍ୟ ଶ୍ରମିକମାନେ ଆହତଙ୍କୁ ଉଦ୍ଧାର କରି ସଇଁତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ସ୍ଥାନାନ୍ତର କରାଯାଇଛି। ଘଟଣା ପରେ ମିଲରେ କିଛି ସମୟ ପାଇଁ କାର୍ଯ୍ୟ ବନ୍ଦ ରହିଥିଲା। ସୁରକ୍ଷା ବ୍ୟବସ୍ଥାରେ ଅବହେଳା ଯୋଗୁଁ ଏଭଳି ଅଘଟଣ ଘଟିଥିବା ଅଭିଯୋଗ ହେଉଛି।

# ଆନନ୍ଦ ମାର୍ଗ ତରଫରୁ ସେବା କାର୍ଯ୍ୟ

ବୌଦ୍ଧ,୧।୬(ସମିସ): ବୌଦ୍ଧ ଜିଲ୍ଲାସ୍ତରୀୟ ଜନ ଶୁଣାଣି ଶିବିର ପରିସରରେ ଜିଲ୍ଲାର ଅଗ୍ରଣୀ ଆଧ୍ୟାତ୍ମିକ ତଥା ସାମାଜିକ ଅନୁଷ୍ଠାନ ଆନନ୍ଦ ମାର୍ଗ ୟୁନିଭର୍ସାଲ ରିଲିଫ ଟିମ୍ ଦହି ସର୍ବତ ବଣ୍ଟନ କରିଛି। କେଦାରନାଥ ସାହୁଙ୍କ ନେତୃତ୍ୱରେ ବିରୁପାକ୍ଷ ସ୍ୱାଇଁ, ବୃନ୍ଦାବନ ବେହେରା, ପଞ୍ଚାନନ ନାଏକ, ଗିରିଶ ଚନ୍ଦ୍ର ବଘାର, କୃତ୍ତିବାସ ପଲିଆ ପ୍ରମୁଖ ସହଯୋଗ କରିଥଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟନାରାୟଣ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ଯୋଗ ଦେଇଥିଲେ।

# ତରଭା ଥାନା ପକ୍ଷରୁ ଦହିପଣା ବଣ୍ଟନ

ତରଭା,୧।୬(ସମିସ): ତରଭା ପୁଲିସ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସାପ୍ତାହିକ ବଜାରକୁ ଆସିଥିବା ଜନସାଧାରଣଙ୍କୁ ଜଳସେବା ଯୋଗାଇଛି। ଆଇଆଇସି ଡୋଲାମଣୀ ନାଏକଙ୍କ ନେତୃତ୍ୱରେ ଏସ୍‌ଆଇ ପ୍ରସନ୍ନଜିତ ବେହେରା, ଏଏସ୍‌ଆଇ ସୁଧୀର ଜେନା, ନିରୁପମା ସ୍ୱାଇଁଙ୍କ ସହ ସମସ୍ତ ପୁଲିସ କର୍ମଚାରୀ ଉପସ୍ଥିତ ରହି ଲୋକଙ୍କୁ ଦହି ସରବତ ବାଣ୍ଟିଥିଲେ।

## ଆନ୍ତଃ ଜିଲ୍ଲା ସିଏମ୍ ଟ୍ରଫି-୨୦୨୬ ଫୁଟବଲ ଚାମ୍ପିୟନସିପ୍ ଉଦ୍‌ଘାଟିତ

# ବାଳକରେ ବୌଦ୍ଧ ଓ ନୟାଗଡ଼ ବିଜୟୀ



## ବାଳିକା ବର୍ଗରେ ଦେବଗଡ଼ ବିଜୟୀ

ବଲାଙ୍ଗିର,୧।୬(ସମିସ): ଆନ୍ତଃ ଜିଲ୍ଲା ୧୪ ବର୍ଷ ବାଳକ ଓ ବାଳିକା ସିଏମ୍ ଟ୍ରଫି-୨୦୨୬ ଫୁଟବଲ ଚାମ୍ପିୟନସିପ୍ ବଲାଙ୍ଗିରଗାନ୍ଧୀ ଷ୍ଟାଡ଼ିୟମ ଓ ସଦାଇପାଲି ପଲ୍ଲିଶ୍ରୀ ଷ୍ଟାଡ଼ିୟମଠାରେ ଉଦ୍‌ଘାଟିତ ହୋଇଯାଇଛି। ବାଳକ ବର୍ଗ ପ୍ରଥମ ଖେଳରେ ବୌଦ୍ଧ ୪-୧ ଗୋଲରେ ଦେବଗଡ଼କୁ ହରାଇ ବିଜୟୀ ହୋଇଛି। ବଲାଙ୍ଗିର ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ କ୍ରୀଡ଼ା ସଂସଦର ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ସାଧାରଣ ସଂପାଦକ ହରିନାରାୟଣ ପୂଝାରୀ, ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଦୀପ ପାତ୍ର, କୋଷାଧ୍ୟକ୍ଷ ହେମନ୍ତ ବେହେରା, ଫୁଟବଲ ସଂପାଦକ ଶରତ ନନ୍ଦ, କାଉନସିଲ ସଭ୍ୟ ସୁଧୀର ଚନ୍ଦ୍ର ପଣ୍ଡା, ପ୍ରଭାତ ମିଶ୍ର, କ୍ରୀଡ଼ା ସଂପାଦକ ବିଭୂତିଭୂଷଣ ପଣ୍ଡା ଓ ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର ଯୋଗ ଦେଇଥିଲେ। ଖେଳକୁ ଜିତେନ୍ଦ୍ର ପାତ୍ର, ମଳୟ ଘିଭେଲା, ଯଶୋବନ୍ତ ମାଝୀ ଓ ସଞ୍ଜୀନ କୁଦେଇ ପରିଚାଳନା କରିଥିଲେ। ଦ୍ୱିତୀୟ ଅପରାହ୍ନ ବାଳକ ଖେଳରେ ନୟାଗଡ଼ ୨-୧ ଗୋଲରେ ବଲାଙ୍ଗିରକୁ ହରାଇ ବିଜୟୀ ହୋଇଛି। ବଲାଙ୍ଗିର ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ କ୍ରୀଡ଼ା ସଂସଦର ଯୁଗ୍ମ ସଂପାଦକ ଶତୃଘ୍ନ ସିଂ ଓ ସଦସ୍ୟ କୈଳାସ ଚନ୍ଦ୍ର କର୍ତି ଯୋଗ ଦେଇଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଦୀପ ପାତ୍ର, ଜିଲ୍ଲା କ୍ରୀଡ଼ାଧିକାରୀ ପରାସର ବାଗ, ଫୁଟବଲ ସଂପାଦକ ଶରତ ନନ୍ଦ, କ୍ରୀଡ଼ା ସଂପାଦକ ବିଭୂତି ଭୂଷଣ ପଣ୍ଡା ଓ ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର ମଞ୍ଚା।ସୀନ ଥିଲେ। ଖେଳକୁ ଶୁଭ୍ରଜିତ ସ୍ୱାଇଁ, ପପୁନ ବେହେରା, ମନୋରଞ୍ଜନ ମାଝୀ ଓ ଗୌରହରୀ ପୁଟେଲ ପରିଚାଳନା କରିଥିଲେ। ଉଭୟ ଖେଳରେ ନବୀନ ନାଏକ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ପଲ୍ଲିଶ୍ରୀ ଷ୍ଟାଡ଼ିୟମରେ ବାଳିକା ବର୍ଗ ପ୍ରଥମ ଖେଳରେ ଦେବଗଡ଼ ୯-୦ ଗୋଲରେ ବୌଦ୍ଧକୁ ହରାଇ ବିଜୟୀ ହୋଇଛି। ବଲାଙ୍ଗିର ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଓଡ଼ିଶା ଫୁଟବଲ ଏସୋସିଏସନ୍ ତଥା ଜିଲ୍ଲା କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଡ଼. ଶ୍ରୀକର ମିଶ୍ର, ଜିଲ୍ଲା କ୍ରୀଡ଼ାଧିକାରୀ ପରାସର ବାଗ ଓ କ୍ରୀଡ଼ାବିତ ସୁନିଲ ଚନ୍ଦ୍ର ବିଶ୍ୱାଲ ଯୋଗ ଦେଇଥିଲେ। ଖେଳକୁ ସୀତା ମାରାଣ୍ଡି, ଧନେଶ୍ୱର ସେଠ, ମନୋରଞ୍ଜନ ମାଝୀ ଓ ପ୍ରିୟଙ୍କା ବିଶ୍ୱାଲ ପରି.ଳନା କରିଥିଲେ। ଦ୍ୱିତୀୟ ଅପରାହ୍ନ ବାଳିକା ବର୍ଗ ଖେଳରେ ବଲାଙ୍ଗିର ବନାମ୍ ନୟାଗଡ଼ ଖେଳ ଡ୍ର ରହିଥିଲା। ଖେଳକୁ ସଞ୍ଜୀନ କୁଦେଇ, ଅନିତା ମହାନନ୍ଦ, ମାମା ସିଂ ଓ ଧନେଶ୍ୱର ସେଠ ପରି.ଳନା କରିଥିଲେ। ଉଭୟ ଖେଳରେ ସୁରେଶ କୁମାର ଦାଶ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇ ଥିଲେ।

